**BY FAX**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ,

ଓଡ଼ିଶା ସରକାର

******

ସଂଖ୍ୟା. 6058 ତାରିଖ 23/3/2015

09.61.54/2014

ପ୍ରେରକ

ଶ୍ରୀ ମଧୁସୂଦନ ପାଢ଼ୀ, ଭା.ପ୍ର.ସେ.

କମିଶନର-ତଥା-ଶାସନ ସଚିବ

ପ୍ରାପକ

ସମସ୍ତ ଜିଲ୍ଲାପାଳ

**ବିଷୟ - ରବି ଋତୁ ପାଇଁ ଚାଷୀ ପଞ୍ଜିକରଣ ଓ ନବୀକରଣ**

ମହାଶୟା/ ମହାଶୟ,

ରାଜ୍ୟ ସରକାର ପ୍ରଥମ ଥର ପାଇଁ 2014-15 ଖରିଫ ଋତୁରେ ଚାଷୀ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ କରିଥିଲେ । ଏଥିରେ ପ୍ରାୟ 7.5 ଲକ୍ଷ ଚାଷୀ ପଞ୍ଜିକରଣ କରିଥିଲେ ଏବଂ ତାହା ସମିତିମାନଙ୍କ ଦ୍ୱାରା କମ୍ପ୍ୟୁଟର ମାଧମରେ ଡିଜିଟାଇଜ କରାଯାଇ ସର୍ବସାଧାରଣଙ୍କ ପାଇଁ ଇଣ୍ଟରନେଟରେ ଉପଲବ୍ଧ କରାଯାଇଥିଲା । ସେଇ ତଥ୍ୟର ସତ୍ୟତା ରେଭେନ୍ୟୁ ଇନସପେକ୍ଟର (RI) ଏବଂ ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ପ୍ରତିପାଦନ କରାଯାଇଥିଲା । ଯାଞ୍ଚ ହୋଇଥିବା ଜମିର ପରିମାଣ ଅନୁସାରେ ଚାଷୀଙ୍କଠାରୁ ଧାନ କିଣାଯାଇ କ୍ରୟ ମୂଲ୍ୟ ତାଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି (P-PAS Block ମାନଙ୍କରେ) ବା ତାଙ୍କୁ ଏହା ଆକାଉଣ୍ଟ payee cheque ମାଧମରେ ପ୍ରଦାନ କରାଯାଇଛି । ସାଧାରଣ ଭାବେ ଖରିଫ ଋତୁରେ ପଞ୍ଜିକରଣ ହୋଇଥିବା ତଥ୍ୟକୁ ଭିତ୍ତିକରି ରବି ଋତୁରେ ଚାଷୀମାନଙ୍କର ପଞ୍ଜିକରଣ କରାଯିବ । ଏହି ପଞ୍ଜିକରଣ ବା ନବୀକରଣ କେବଳ ରବି ଋତୁରେ ଧାନ ଚାଷ ଏବଂ ଧାନ ସଂଗ୍ରହ ହେବାକୁ ଥିବା ଜିଲ୍ଲାମାନଙ୍କରେ ସୀମିତ ରହିବ ।

**2. <u>ନୂତନ ଚାଷୀଙ୍କ ପଞ୍ଜିକରଣ</u>**

ଯେଉଁ ଚାଷୀମାନେ ସଦ୍ୟ ସମାପ୍ତ ଖରିଫ ଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ମୂଳ ଚାଷୀ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ ଏବଂ ତାହା ସେମାନେ ଆଗାମୀ ତା. **<u>05.04.2015</u>** **<u>ରୁ</u>** **<u>15-4-2015</u>** ମଧ୍ୟରେ ନିଜ ନିଜର ସମିତି (PACS, LAMPCS, WSHG ବା PP) ଙ୍କ ପାଖରେ ଦାଖଲ କରିବେ । ଏହାକୁ ସମିତିମାନେ ତାଙ୍କ login ରେ ଡିଜିଟାଇଜ କରିବେ । ଏହି କାର୍ଯ୍ୟ 11-4-2015 ରୁ ଆରମ୍ଭ କରାଯାଇ 23-4-2015 ମଧ୍ୟରେ ସରିବା ଆବଶ୍ୟକ । ତତ୍ ପରେ ତା. 25-4-2015 ସୁଦ୍ଧା ଜିଲ୍ଲା ଅଧିକାରୀ (CSO) ମାନେ କେବଳ ନୂତନ ପଞ୍ଜିକରଣ ହୋଇଥିବା ଚାଷୀଙ୍କ ତଥ୍ୟକୁ ତହସିଲଦାରଙ୍କ ମାଧମରେ RIଙ୍କୁ ଏବଂ ବ୍ୟାଙ୍କ ଅଧିକାରୀଙ୍କୁ ପ୍ରଦାନ କରିବେ । ଉଭୟ RI ଏବଂ ବ୍ୟାଙ୍କ ଅଧିକାରୀମାନେ ଏହି ଯାଞ୍ଚ ଅତି ଶୀଘ୍ର କରି ତା 5-5-2015 ମଧ୍ୟରେ ଜିଲ୍ଲା ଅଧିକାରୀ (CSO)ଙ୍କୁ ପ୍ରଦାନ କରିବେ । ଯାଞ୍ଚ ହୋଇଥିବା ତଥ୍ୟକୁ ଜିଲ୍ଲା ଅଧିକାରୀ (CSO) ତା. 10-5-2015 ମଧ୍ୟରେ update କରିବେ ।

ଅଧିକାଂଶ ଜିଲ୍ଲାରେ ତା. 15.5.2015ରୁ ରବି ଧାନ ସଂଗ୍ରହ ଆରମ୍ଭ କରାଯିବାର ପ୍ରସ୍ତାବ ରହିଛି । ତେବେ କେଉଁ ଜିଲ୍ଲାରେ କେବେ ଧାନ ସଂଗ୍ରହ ହେବ ତାହା ଜିଲ୍ଲା ସ୍ତରୀୟ ସଂଗ୍ରହ କମିଟି (DLPC) ରେ ନିଶ୍ଚିତ କରାଯିବ । ରବି ଋତୁର ସଂଗ୍ରହ ଅବଧି କମ୍ ରହୁଥିବାରୁ ଅର୍ଥାତ ତା. 30.06.2015 ପର୍ଯ୍ୟନ୍ତ ଥିବାରୁ, ମଣ୍ଡି ଗୁଡିକୁ ତା.20.5.2015 ସୁଦ୍ଧା ଆରମ୍ଭ କରିବା ଆବଶ୍ୟକ । ଆରମ୍ଭ ହେବା ପରେ ପ୍ରତିଦିନ ମଣ୍ଡି ଚାଲିବା ଦରକାର, କାରଣ

ପ୍ରାକ୍ ମୌସୁମୀ ବର୍ଷା ଯୋଗୁ ଧାନ ସଂଗ୍ରହ ବାଧା ପ୍ରାପ୍ତ ହେବାର ଯଥେଷ୍ଟ ସମ୍ଭାବନା ଅଛି । ସେଥିପାଇଁ ପ୍ରତି ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣର Tarpulin ଏବଂ Polythene ରହିବା  ଆବଶ୍ୟକ । CAP Storage କରିବା ପାଇଁ ସମସ୍ତ ରବି ଧାନ ସଂଗ୍ରହ ଜିଲ୍ଲା ଗୁଡିକ ଏବେଠାରୁ ପ୍ରସ୍ତୁତ ଆବଶ୍ୟକ । ଗତ ଖରିଫ ଋତୁରେ CAP Cover ଅଣାଯାଇଥିଲେ ମଧ୍ୟ ତାହା ବ୍ୟବହୃତ ହୋଇନାହିଁ । DLPCର ବୈଠକ ତା. 25.04.2015 ମଧ୍ୟରେ ହେବା ବାଞ୍ଛନୀୟ ।

**3. ଖରିଫ ଚାଷୀଙ୍କ ତଥ୍ୟ ନବୀକରଣ**

ଯେଉଁ ଚାଷୀମାନେ ଖରିଫ ଋତୁରେ ପଞ୍ଜିକରଣ କରିଛନ୍ତି ଏବଂ ତାଙ୍କର ଜଳସେଚିତ ଜମି ଅଛି, ରବି ଧାନ ସଂଗ୍ରହ ନିମନ୍ତେ ଏହି ପଞ୍ଜିକରଣ ବ୍ୟବସ୍ଥା ସରଳ କରାଯାଇଛି । ଏଥିପାଇଁ ନିମ୍ନରେ ଦିଆଯାଇଥିବା ପଦକ୍ଷେପମାନ ନିଆଯିବ ।

i. ସମିତିମାନେ ତାଙ୍କ login ରେ ଗଲେ ଗୋଟିଏ ନୂଆ "Rabi 2015 Farmers Report" ପାଇବେ । ଏହା ମାଧ୍ୟମରେ ଖରିଫ ଋତୁରେ ଜଳସେଚିତ ଜମି ଥିବା ସମସ୍ତ ଚାଷୀଙ୍କର ତାଲିକା ଉପଲବ୍ଧ ହେବ ।

ii. ଏହି ତାଲିକାରେ ଥିବା ଚାଷୀଙ୍କର ତଥ୍ୟ "Print all" କଲେ ସେମାନେ ପ୍ରତ୍ୟେକ ଚାଷୀଙ୍କ ପାଇଁ ଗୋଟିଏ ଲେଖା ପୃଷ୍ଠାର printout ପାଇ ପାରିବେ । ତେବେ ଜଣେ ଜଣେ ଚାଷୀଙ୍କ ପାଇଁ ମଧ୍ୟ ପୃଥକ ଭାବେ printout  ନିଆଯାଇପାରେ ।

iii. ଏହି printout ରେ ଚାଷୀଙ୍କ ପଞ୍ଜିକରଣ ତଥ୍ୟ ଲେଖାଥିବ । ଏହା 3ଟି ଭାଗରେ ବିଭକ୍ତ । ପ୍ରଥମ ଭାଗରେ ଚାଷୀଙ୍କ ତଥ୍ୟ ଓ ଦ୍ଵିତୀୟ ଭାଗରେ 2014-15 ଖରିଫ ଋତୁରେ ଚାଷ ହୋଇଥିବା ଜଳସେଚିତ ଜମିର ତଥ୍ୟ ଲେଖାଥିବ । ତୃତୀୟ ଭାଗଟି ରବି ଋତୁରେ ଧାନ ଚାଷ ହୋଇଥିବା ଜମିର ତଥ୍ୟ ଦେବା ପାଇଁ ଖାଲି ଛଡ଼ା ଯାଇଥିବ ।

iv. ସମିତିର ଅଧିକାରୀମାନେ ଏହି printout ଗୁଡ଼ିକୁ ସଂପୃକ୍ତ ଚାଷୀଙ୍କୁ ଖବର ଦେଇ ତାହା ଦେବା ପାଇଁ ବନ୍ଦୋବସ୍ତ କରିବେ ଏବଂ ଚାଷୀମାନେ ତୃତୀୟ ଭାଗ କେମିତି ପୂରଣ କରିବେ ସେ ବିଷୟରେ  ବୁଝାଇବେ । ଏହି କାର୍ଯ୍ୟ ତା. 10.04.2015 ତାରିଖ ମଧ୍ୟରେ ସମାପନ ହେବା ଆବଶ୍ୟକ ।  ରାଜ୍ୟ ସ୍ତରରେ ଏଥିପାଇଁ ବିଜ୍ଞାପନ ଦିଆଯିବ ।

v. ଚାଷୀମାନେ ଯେଉଁ ଜମି ରବି ଋତୁରେ ଧାନ ଚାଷ ପାଇଁ ବ୍ୟବହାର କରୁଛନ୍ତି ତାହା ତୃତୀୟ ଭାଗରେ ଲେଖି ତା. 23.4.2015 ମଧ୍ୟରେ ସମିତି ଅଧିକାରୀଙ୍କୁ ପ୍ରଦାନ କରିବେ । ତୃତୀୟ ଭାଗରେ Tahasil, RI, ମୌଜା, ଖାତା, ଜମିର ପରିମାଣ ର ବିବରଣୀ ଚାଷୀମାନେ ଉଲ୍ଲେଖ କରିବେ ।

vi. ସମିତି ଅଧିକାରୀ ଉକ୍ତ ତଥ୍ୟକୁ 'Online Farmer Registration' moduleରେ ନିଜ ସମିତିର loginରେ ଡିଜିଟାଇଜ କରିବେ । ତେବେ ଯଦି ରବି ଋତୁର ଚାଷ ହୋଇଥିବା ଜମି ଖରିଫ ଋତୁର ଚାଷ ଜମି ସହ ସମାନ ହୋଇଥାଏ, ତାହେଲେ ଏହା କେବଳ ଗୋଟିଏ clickରେ ନବୀକରଣ କରାଯାଇ ପାରିବ । ତେବେ ପ୍ରତି ଖାତା ପାଇଁ ଏହା କରିବା ଆବଶ୍ୟକ । ଯଦି ରବିରେ ନୂତନ ଖାତାର ଜମି ଚାଷ ହୋଇଥାଏ, ତୃତୀୟ ଭାଗରେ ଥିବା ତାହାର ତଥ୍ୟ ସଂପୂର୍ଣ୍ଣ ଭାବେ ଡିଜିଟାଇଜ କରିବାକୁ ପଡ଼ିବ । ଏଥିପାଇଁ ସ୍ୱତନ୍ତ୍ର ତାଲିମ ଦିଆଯିବ ।

vii. ରବି ଋତୁ ପାଇଁ ଚାଷ ହେଉଥିବା ଜମିର ବିବରଣୀ ଯଦି ଖରିଫ ଋତୁରେ ଚାଷ ହୋଇଥିବା ଜମି ବିବରଣୀ ସହ ସମାନ, ତେବେ ସଂପୃକ୍ତ ଚାଷୀଙ୍କ ତଥ୍ୟାବଳୀ ରାଜସ୍ୱ ନିରୀକ୍ଷକ (R.I)ଙ୍କ ସତ୍ୟତା ପ୍ରତିପାଦନ (verification) ପାଇଁ ତହସିଲ କାର୍ଯ୍ୟାଳୟ ପ୍ରେରଣ କରାଯିବ ନାହିଁ ।

viii. ପୁନଶ୍ଚ ରବି ଋତୁରେ ଚାଷ ହୋଇଥିବା ଜମିର ବିବରଣୀ ଓ ପରିମାଣ ଯଦି ଖରିଫ ପାଇଁ ଦରଜ ହୋଇଥିବା ବିବରଣୀ ଓ ପରିମାଣରୁ କମ୍, ସେ କ୍ଷେତ୍ରରେ ମଧ୍ୟ ରାଜସ୍ୱ ନିରୀକ୍ଷକଙ୍କ ସତ୍ୟତା ପ୍ରତିପାଦନ ପାଇଁ ତଥ୍ୟାବଳୀ ପ୍ରେରଣ କରାଯିବ ନାହିଁ ।

ix. ଯେଉଁଠାରେ ଖରିଫରେ ଦରଜ ତଥ୍ୟଠାରୁ ଅଧିକ ଖାତାରେ ଜମି ବା ଅଧିକ ପରିମାଣ ଦର୍ଶାଯାଇଛି, ସେ କ୍ଷେତ୍ରରେ ସନ୍ନିବେଶିତ ତଥ୍ୟର ସତ୍ୟତା ପ୍ରତିପାଦନ ଆବଶ୍ୟକ । ଏଥିପାଇଁ ରାଜସ୍ୱ ନିରୀକ୍ଷକଙ୍କ ପ୍ରତିପାଦନ ବିବରଣୀ (verification report) ଆବଶ୍ୟକ । ତାହା ଅବଶ୍ୟ RIଙ୍କ verification ପାଇଁ ପଠାଯିବ ।

x. ନୂତନ ଚାଷୀଙ୍କ ତଥ୍ୟ ଭଳି, ଏଇ ଅଧିକ ଜମିର ତଥ୍ୟ (ଖାତା ବା ପରିମାଣ)କୁ ସମ୍ପୃକ୍ତ RIଙ୍କୁ ତହସିଲଦାରଙ୍କ ମାଧ୍ୟମରେ verification ପାଇଁ 25.04.2015 ସୁଦ୍ଧା ପଠାଯିବ ଏବଂ RIମାନେ ଏହା 05.05.2015 ସୁଦ୍ଧା verification କରି ଫେରସ୍ତ କରିବେ । ଯାଞ୍ଚ ହୋଇଥିବା ତଥ୍ୟକୁ CSO 10.05.2015 ସୁଦ୍ଧା update କରିବେ ।

4. <u>ତାଲିମ ଓ ପରିଚାଳନା</u>

i. ସମବାୟ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଜିଲ୍ଲାପାଳ / ଉପଜିଲ୍ଲାପାଳଙ୍କ ତଦାରଖରେ ରବି ଧାନ ଚାଷ ହେଉଥିବା ସମ୍ପୃକ୍ତ ସମିତି ସ୍ତରୀୟ କର୍ମକର୍ତ୍ତାଙ୍କୁ ରବି ଧାନ ବିକ୍ରି ପାଇଁ ସରଳୀକୃତ ପଞ୍ଜିକରଣ ବାବଦରେ ଆବଶ୍ୟକ ତାଲିମ ପ୍ରଦାନ କରାଯିବ ଏବଂ ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଏ ତାହା ସୁନିଶ୍ଚିତ କରାଇବେ । ମନେ ରଖନ୍ତୁ, ସମସ୍ତ ସମିତିର କର୍ମକର୍ତ୍ତାଙ୍କୁ ତାଲିମ ଦେବା ଆବଶ୍ୟକ ହେବ ନାହିଁ । କେବଳ ଯେଉଁ ସମିତିରେ ରବି ଧାନ ସଂଗ୍ରହ ହେବାକୁ ଅଛି, ସେ କର୍ମକର୍ତ୍ତାଙ୍କୁ ତାଲିମ ଦେବେ ।

ii. ଆଗାମୀ ତା. 30.3.2015ରେ ଏ ବିଷୟରେ ଜିଲ୍ଲା ସ୍ତରୀୟ master trainers ଙ୍କୁ ତାଲିମ ଦିଆଯିବ । ଏଥିରେ ରବି ଚାଷ ହେଉଥିବା ପ୍ରତି ଜିଲ୍ଲାରୁ ଜଣେ ACSO, ଜଣେ ARCS ଏବଂ ଜଣେ Assistant Programmer/DEO ଉପସ୍ଥିତ ରହିବେ । ଏହା ଭୁବନେଶ୍ୱରର Legal Metrology ସମ୍ମିଳନୀ କକ୍ଷରେ ସକାଳ 10ଟାରୁ ଆରମ୍ଭ ହୋଇ ଅପରାହ୍ନ 2ଟାରେ ସରିବ ।

iii. ଜିଲ୍ଲାସ୍ତରରେ ସମସ୍ତ ସମିତି ଅଧିକାରୀଙ୍କୁ ତା. 02.04.2015 ଏବଂ ତା. 04.04.2015 ଦିନ ତାଲିମ ଦିଆଯିବ । ସେମାନେ ତା. 05.04.2015 ରୁ ତା. 09.04.2015 ମଧ୍ୟରେ print out ବାହାର କରି ଚାଷୀଙ୍କୁ ଦେବେ ଏବଂ କେମିତି ପୂରଣ କରାଯିବ ତାହା ବୁଝାଇବେ ।

iv. ଜିଲ୍ଲାପାଳ / ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତ୍ୟକ୍ଷ ଭାବରେ ଉପରୋକ୍ତ ବ୍ୟବସ୍ଥାର ତଦାରଖ କରିବେ ଏବଂ ଚାଷୀ ଯଦି ଉପର ବର୍ଣ୍ଣିତ ବ୍ୟବସ୍ଥା ଜନିତ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ର ନିରାକରଣ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ତୁରନ୍ତ ଦୃଷ୍ଟି ଆକର୍ଷଣ କରିବେ ।

5. <u>ସମୟ ସୀମା</u>

ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଏକ ସମୟ ସାରଣୀ ପରିଶିଷ୍ଟରେ ସଂଲଗ୍ନ କରାଗଲା

ଆପଣଙ୍କର ବିଶ୍ୱସ୍ତ

ମଧୁସୂଦନ ପାଢୀ 23-3-15

କମିଶନର ତଥା ଶାସନ ସଚିବ

ସ୍ମାରକ ସଂଖ୍ୟା- 6059 / ତା. 23/3/2015

ଏହାର ଏକ କିତା ନକଲ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଖାସ୍ ସଚିବଙ୍କ ନିକଟକୁ ମାନ୍ୟବର ମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6060 / ତା. 23/3/2015

ଏହାର ଏକ କିତା ନକଲ ମୁଖ୍ୟ ଶାସନ ସଚିବ, ଓଡିଶାଙ୍କ ଖାସ୍ ସଚିବଙ୍କ ନିକଟକୁ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6061 / ତା. 23/3/2015

ଏହାର ଏକ କିତା ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଖାସ୍ ସଚିବଙ୍କ ନିକଟକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6062 / ତା. 23/3/2015

ଏହାର ଏକ କିତା ନକଲ ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗଙ୍କ ଖାସ୍ ସଚିବଙ୍କ ନିକଟକୁ ପ୍ରମୁଖ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6063 / ତା. 23/3/2015

ଏହାର ଏକ କିତା ନକଲ ସମବାୟ ସମିତି ସମୂହର ନିବନ୍ଧକ, ଓଡିଶା/ ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉପରୋକ୍ତ ପତ୍ରକୁ ଯଥାକ୍ରମେ ସମ୍ପୃକ୍ତ ସମସ୍ତ ଡିଆରସିଏସ୍ ଓ ସମ୍ପାଦକ, ଡିସିସିବିଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବାକୁ ଅନୁରୋଧ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6064 / ତା. 23/3/2015

ଏହାର ଏକ କିତା ନକଲ ସମସ୍ତ ବେସାମରିକ ଯୋଗାଣ ଅଧିକାରୀଙ୍କ ଅବଗତି ଓ ବହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ସ୍ମାରକ ସଂଖ୍ୟା- 6065 / ତା. 23/3/2015

ଏହାର ଏକ କିତା ନକଲ ଜିଏମ୍, ଏଫସିଆଇ, ଏମଡ଼ି, ମାର୍କଫେଡ଼, ଭୁବନେଶ୍ୱର/ ଏମଡ଼ି, ଟିଡ଼ିସିସି, ଭୁବନେଶ୍ୱର/ ବିଏମ୍ ନାଫେଡ଼ ଭୁବନେଶ୍ୱର/ ଓମେଗା, ଭୁବନେଶ୍ୱର/ CSM Technology, ଭୁବନେଶ୍ୱରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(signature) 23.3.15

ଉପଶାସନ ସଚିବ

ପରିଶିଷ୍ଟ

# ସମୟ ସାରଣୀ

| କ୍ର. ସଂ | କାର୍ଯ୍ୟର ବିବରଣୀ | ଖରିଫ ଚାଷୀଙ୍କ ରବି ଋତୁ ପାଇଁ ଜମି ନବୀକରଣ | ରବି ଋତୁ ପାଇଁ ନୂତନ ଚାଷୀଙ୍କ ପଞ୍ଜିକରଣ | ଦାୟିତ୍ୱ |
|---|---|---|---|---|
| 1 | ପଞ୍ଜିକରଣ ବା ନବୀକରଣ ଫର୍ମ ବଣ୍ଟନ | 05.04.15 ରୁ 09.04.15 | 05.04.15 ରୁ 11.04.15 | ସମିତି ସମ୍ପାଦକ |
| 2 | ନବୀକରଣ ଫର୍ମ ପୂରଣ ଓ ସମିତିରେ ଦାଖଲ | 06.04.15 ରୁ 15.04.15 (ଶେଷ ତାରିଖ) | - | ପୂର୍ବରୁ ପଞ୍ଜିକୃତ ଚାଷୀ |
| 3 | ପଞ୍ଜିକରଣ ଫର୍ମ ପୂରଣ ଓ ସମିତିରେ ଦାଖଲ | - | 06.04.15 ରୁ 15.04.15 | ନୂତନ ଚାଷୀ |
| 4 | ନବୀକରଣ ଫର୍ମ ଓ ପଞ୍ଜିକରଣ ଫର୍ମର ଡିଜିଟାଇଜେସନ | 11.04.15 ରୁ 23.04.15 | | ସମିତି ସମ୍ପାଦକ |
| 5 | ଯାଞ୍ଚ ପାଇଁ Verification Reportରେ Printout ବାହାର କରିବା | 24.04.15 | | CSO ଙ୍କ କାର୍ଯ୍ୟାଳୟ |
| 6 | ତହସିଲଦାରଙ୍କ ମାଧମରେ ରାଜସ୍ୱ ନିରିକ୍ଷକ (RI)ଙ୍କ ପାଖକୁ Verification Report ପଠାଇବା | 25.04.15 | | CSO ଙ୍କ କାର୍ଯ୍ୟାଳୟ |
| 7 | ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ରିପୋର୍ଟ ପଠାଇବା (Nodal Bank ଅଧିକାରୀଙ୍କ ଜରିଆରେ) | - | 25.04.15 | CSO ଙ୍କ କାର୍ଯ୍ୟାଳୟ |
| 8 | ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପ୍ରକ୍ରିୟା ଶେଷ ଏବଂ CSOଙ୍କୁ Vefified ରିପୋର୍ଟ ପ୍ରଦାନ | - | 05.04.15 | ବ୍ୟାଙ୍କ କର୍ତ୍ତୃପକ୍ଷ / ନୋଡାଲ ବ୍ୟାଙ୍କ କର୍ତ୍ତୃପକ୍ଷ |
| 9 | ତହସିଲଦାରମାନେ RIଙ୍କ Verification Report ମାନ CSOଙ୍କୁ ପ୍ରଦାନ | 05.04.15 | | ତହସିଲଦାର / ରାଜସ୍ୱ ନିରୀକ୍ଷକ |
| 10 | Verified Reportର ତଥ୍ୟକୁ update କରିବା | 06.05.15 ରୁ 10.05.15 | | CSO ଙ୍କ କାର୍ଯ୍ୟାଳୟ |
| 11 | ମଣ୍ଡି ସ୍ତରରେ Master Rabi Farmer List ର Print out ନେବା ଏବଂ ଧାନ ସଂଗ୍ରହ ଆରମ୍ଭ କରିବା | 11.05.15 | | ସମିତି ସମ୍ପାଦକ |